# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**26 September - 2024**

News Editor : *Itishree Singh Rathaur*

# ପିଏମ୍-ସୁପର କମ୍ପ୍ୟୁଟର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ସ୍ୱଦେଶୀ ଜ୍ଞାନକୌଶଳରେ ବିକଶିତ ତିନୋଟି ପରମରୁଦ୍ର ସୁପର କମ୍ପ୍ୟୁଟର ଦେଶ ଉଦ୍ଦେଶ୍ୟରେ ସମର୍ପିତ କରିବେ । ବୈଷୟିକ ଜ୍ଞାନ କ୍ଷେତ୍ରରେ ଭାରତକୁ ଆତ୍ମନିର୍ଭର କରାଇବା ଦିଗରେ ପଦକ୍ଷେପ ସ୍ୱରୂପ ପ୍ରାୟ ୧୩୦ କୋଟି ଟଙ୍କା ବ୍ୟୟରେ ଏହି ସୁପର କମ୍ପ୍ୟୁଟର ଗୁଡ଼ିକ ଜାତୀୟ ସୁପର କମ୍ପ୍ୟୁଟିଂ ମିଶନ୍ ଅଧୀନରେ ବିକଶିତ କରାଯାଇଛି । ଏହି କାର୍ଯ୍ୟକ୍ରମ ମହାରାଷ୍ଟ୍ରର ପୁଣେରେ ଅନୁଷ୍ଠିତ ହେବ ।

# ନଡ୍ଡାଙ୍କ ଓଡ଼ିଶା ଗସ୍ତ

ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ୍ ପ୍ରକାଶ ନଡ୍ଡା ଆଜି ଓଡ଼ିଶା ଗସ୍ତରେ ଆସୁଛନ୍ତି । ଦଳର ସାଧାରଣ ସମ୍ପାଦକ ଯତିନ୍ କୁମାର ମହାନ୍ତି କହିଛନ୍ତି ଶ୍ରୀ ନଡ୍ଡା ଆଜି ସକାଳେ ଭୁବନେଶ୍ୱର ପହଞ୍ଚିବା ପରେ ଏଜି ଛକସ୍ଥିତ ବାବାସାହେବ ଡାକ୍ତର ଭୀମରାଓ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବେ । ପରେ ବୁଦ୍ଧିଜୀବୀ ସମ୍ମିଳନୀରେ ଯୋଗଦେଇ ବିଜେପି ସଦସ୍ୟତା ଅଭିଯାନ ସମ୍ପର୍କରେ ଆଲୋଚନା କରିବେ । ମଧ୍ୟାହ୍ନରେ ସେ ରାଜ୍ୟ କାର୍ଯ୍ୟାଳୟଠାରେ ମନ୍ତ୍ରୀ, ସାଂସଦ,

ବିଧାୟକ ଓ ପଦାଧିକାରୀଙ୍କ ସହ ଆଲୋଚନା କରିବେ । ଏହାପରେ ସେ ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟକ୍ରମ ରହିଛି ।

## ଏମ୍‌ସ-ଉଦ୍‌ଘାଟନ

ଭୁବନେଶ୍ୱର ଅଖିଳ ଭାରତୀୟ ଆର୍ୟୁବିଜ୍ଞାନ ସଂସ୍ଥାନ ଏମ୍‌ସରେ ତମାଖୁ ନିବାରଣ କେନ୍ଦ୍ରକୁ ଆଭାସୀ ମାଧ୍ୟମରେ ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି.ନଡ୍ଡା ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ସେ କହିଛନ୍ତି ତମାଖୁମୁକ୍ତ ସମାଜ ହାସଲ ଦିଗରେ ଏହି କେନ୍ଦ୍ର ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ । କେନ୍ଦ୍ର ମାଧ୍ୟମରେ ସଚେତନତା ସୃଷ୍ଟି ସହ ଦୃଷ୍ଟାନ୍ତମୂଳକ ପରିବର୍ତ୍ତନ ପାଇଁ ପଦକ୍ଷେପ ନିଆଯାଉଛି ବୋଲି ଶ୍ରୀ ନଡ୍ଡା କହିଛନ୍ତି ।

## ଦୀନ୍ ଦୟାଲ ଉପାଧ୍ୟାୟ-ପାର୍କ

ପଣ୍ଡିତ ଦୀନ୍ ଦୟାଲ ଉପାଧ୍ୟାୟଙ୍କ ସ୍ମୃତିକୁ ଉଜ୍ଜୀବିତ ରଖିବା ଉଦ୍ଦେଶ୍ୟରେ ଭୁବନେଶ୍ୱରରେ ଏକ ପାର୍କ ନିର୍ମାଣ ହେବ । ସେହି ପାର୍କରେ ତାଙ୍କର ଏକ ଲାଇଭ୍ ସାଇଜ୍ ପ୍ରତିମୂର୍ତ୍ତି ପ୍ରତିଷ୍ଠା କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଘୋଷଣା କରିଛନ୍ତି । ଗତକାଲି ଜୟଦେବ ଭବନଠାରେ ପଣ୍ଡିତ ଦୀନ୍ ଦୟାଲ ଉପାଧ୍ୟାୟଙ୍କ ୧୦୯ତମ ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ଏହି ଘୋଷଣା କରିଛନ୍ତି ।

## ମାମଲା ବିଚାରାଧୀନ

ରାଜ୍ୟରେ ରାଜସ୍ୱ ପର୍ଷଦ ସଦସ୍ୟଙ୍କ ଅଧୀନରେ ୧ଲକ୍ଷ ୩୧ହଜାରରୁ ଅଧିକ ମାମଲା ବିଚାରାଧୀନ ରହିଥିବା ଜଣାପଡିଛି ।  ରାଜସ୍ୱ ପର୍ଷଦ

ସଭ୍ୟ ସି.ଜେ.ବେଣୁଗୋପାଳଙ୍କ ପକ୍ଷରୁ ହାଇକୋର୍ଟରେ ଦାଖଲ ସତ୍ୟପାଠରୁ ଏହା ଜଣାପଡିଛି । ସ୍ୱତନ୍ତ୍ର ମାମଲା ଗୁଡ଼ିକର ବିଚାର ନିମନ୍ତେ ୪୦ଟି ଡିଭିଜନାଲ କୋର୍ଟ ରହିଥିବାବେଳେ ଅନେକ ମାମଲା ଗୁଡ଼ିକରେ ବୈଷୟିକ କାରଣ ଯୋଗୁଁ ପ୍ରାରମ୍ଭିକ ଶୁଣାଣି ବିଳମ୍ବ ହେଉଥିବା ସତ୍ୟପାଠରେ କୁହାଯାଇଛି ।

## ଜଳଶକ୍ତି ମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ

କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସି ଆର ପାଟିଲ ଆଜି ଓଡିଶା ଗସ୍ତରେ ଆସି ସ୍ୱଚ୍ଛତା ହିଁ ସେବା ଅଭିଯାନର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ। ଏହି ଗସ୍ତ କାଳରେ ଶ୍ରୀ ପାଟିଲ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜନ୍ମସ୍ଥାନ ସୁଆଣ୍ଡୋ ଗ୍ରାମରେ ଏକ ପେଡ୍ ମା କେ ନାମ ଅଧୀନରେ ଚାରାରୋପଣ ଅଭିଯାନରେ ଅଂଶଗ୍ରହଣ କରିବା ସହ ଉତ୍କଳମଣି ସ୍ମାରକୀ ସଂଗ୍ରହାଳୟ ପରିଦର୍ଶନ କରିବେ । ପରେ କେନ୍ଦ୍ରମନ୍ତ୍ରୀ ବିଦ୍ୟାଧରପୁର ଗ୍ରାମ ପରିଦର୍ଶନ କରିବେ ।

ଗ୍ରାମ୍ୟ ଜଳ ଓ ପରିମଳ ସମିତି ସଦସ୍ୟଙ୍କ ପାଇଁ ବୀରରାମଚନ୍ଦ୍ରପୁର ପଞ୍ଚାୟତଠାରେ ଏକ ସମ୍ମିଳନୀରେ ଶ୍ରୀ ପାଟିଲ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଜଳ ପରୀକ୍ଷା ପ୍ରଦର୍ଶନ ଏବଂ ଶ୍ରେଷ୍ଠ ପ୍ରଦର୍ଶନ କରୁଥିବା ଗ୍ରାମ ପଞ୍ଚାୟତଗୁଡ଼ିକୁ ପୁରସ୍କାର ପ୍ରଦାନ କରିବେ । କେନ୍ଦ୍ରମନ୍ତ୍ରୀ ପରିମଳ ଓ ବର୍ଜ୍ୟବସ୍ତୁ ପରିଚାଳନା ଅଗ୍ରଗତିର ସମୀକ୍ଷା କରିବେ ।

## ବିଶ୍ୱବ୍ୟାଙ୍କ ଟିମ୍

ଭିତ୍ତିଭୂମି କ୍ଷେତ୍ରରେ ଓଡିଶାର ରଣନୀତି ସମ୍ପର୍କରେ ଅଧ୍ୟୟନ ନିମନ୍ତେ ବିଶ୍ୱବ୍ୟାଙ୍କର ଏକ ୫ଜଣିଆ ଦଳ ଉନ୍ନୟନ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ସହ ଆଲୋଚନା କରିଛନ୍ତି । ଘରୋଇ ପୁଞ୍ଜିନିବେଶ ବୃଦ୍ଧି ପାଇଁ ସୁପାରିଶ କରିବା ଉଦ୍ଦେଶ୍ୟରେ ଭୁବନେଶ୍ୱର ଲୋକସେବା ଭବନରେ ଅନୁଷ୍ଠିତ ବୈଠକରେ ଆଲୋଚନା ହୋଇଥିଲା । ଏଥିରେ ରାଜ୍ୟ ସରକାରଙ୍କ ଭିତ୍ତିଭୂମି ବିଭାଗଗୁଡ଼ିକର ସଚିବ ଓ ଅନ୍ୟ ଅଧିକାରୀମାନେ ଯୋଗଦେଇ ତଥ୍ୟ ଉପସ୍ଥାପନ କରିଥିଲେ ।

ଉନ୍ନୟନ ସଚିବ ଶ୍ରୀମତୀ ଗର୍ଗ ପ୍ରତିନିଧି ଦଳକୁ ରାଜ୍ୟର ନୂତନ ପିପିପି ନୀତି ଓ ପିପିପି ପ୍ରକଳ୍ପଗୁଡ଼ିକର ମୂଲ୍ୟାଙ୍କନ ପାଇଁ ତଥା ଘରୋଇ କ୍ଷେତ୍ରକୁ ଅଧିକ ସାମିଲ କରିବା ନିମନ୍ତେ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଅବଗତ କରାଇଥିଲେ ।

## ଓଏଏସ୍ ଅଦଳବଦଳ

ରାଜ୍ୟ ସରକାର ବରିଷ୍ଠ ଓଡ଼ିଶା ପ୍ରଶାସନିକ ଅଧିକାରୀ - ଓଏଏସ୍‌ଙ୍କ ସ୍ତରରେ ଅଦଳବଦଳ କରିଛନ୍ତି । ମୋଟ୍ ୩୬ଜଣ ଓଏସ୍ ଅଧିକାରୀଙ୍କୁ ବଦଳି କରାଯାଇଥିବା ନେଇ ସାଧାରଣ ପ୍ରଶାସନ ଓ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି ।

## ପୋଷଣ ମାସ ପାଳନ

କଟକରେ ପୋଷଣ ମାସ ପାଳନ ଅବସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ ଯୋଗଦେଇ କୁ-ପୋଷଣକୁ ଦୂର କରି ସୁ-ପୋଷଣଯୁକ୍ତ ସମାଜ ଓ ଦେଶକୁ ଗଠନ କରିବା ଦିଗରେ ଅଗ୍ରସର ହେବାକୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ଅଙ୍ଗନବାଡି କର୍ମୀମାନେ ପ୍ରସ୍ତୁତ କରିଥିବା ଖାଦ୍ୟ ସହ ପନିପରିବା, ଫଳମୂଳ, ଶସ୍ୟ ଆଦି ପ୍ରଦର୍ଶିତ ହୋଇଥିଲା ।

## ବିର୍ସାମୁଣ୍ଡା ଜୟନ୍ତୀ-ଛୁଟି ଘୋଷଣା

କଟକସ୍ଥିତ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ବିର୍ସାମୁଣ୍ଡା ଜୟନ୍ତୀ ଉପଲକ୍ଷେ ଆସନ୍ତା ନଭେମ୍ବର ୧୬ତାରିଖକୁ ମୟୂରଭଞ୍ଜ ଜିଲ୍ଲା ପାଇଁ ଆଞ୍ଚଳିକ ସରକାରୀ ଛୁଟି ଘୋଷଣା କରିଛନ୍ତି । ଏନେଇ ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ବିକାଶ ବିଭାଗ ଓ ମୟୂରଭଞ୍ଜ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରସ୍ତାବ ଦିଆଯାଇଥିଲା ।

## ପାଣିପାଗ

ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଦୁର୍ବଳ ହୋଇଛି । ଲଘୁଚାପଟି ଘୂର୍ଣ୍ଣିବଳୟ ଭାବେ ଛତିଶଗଡ ଉପରେ ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଏହାର ପ୍ରଭାବରେ ରାଜ୍ୟର ଅଧିକାଂଶ ଅଞ୍ଚଳରେ ବର୍ଷା ଜାରି ରହିଛି । ଆସନ୍ତା ୨୪ଘଣ୍ଟା ମଧ୍ୟରେ

ଘଡଘଡି ସହ ବର୍ଷା ହେବା ନେଇ ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, କେନ୍ଦୁଝର ଏବଂ ସୁନ୍ଦରଗଡ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ଅପରପକ୍ଷରେ ଗତ ୨୪ଘଣ୍ଟା ମଧ୍ୟରେ ତାଳଚେରରେ ସର୍ବାଧିକ ୧୫୫ ମିଲିମିଟର ବର୍ଷା ରେକର୍ଡ ହୋଇଛି ।